## ୨୪୦ କେଜି ଗଞ୍ଜେଇ ଜବତ, ଅଟୋ ଚାଳକ ଗିରଫ

ବେଗୁନିଆପଡା,(ଡି.ଏନ.ଏ.): କୋଦଳାରୁ କଞ୍ଚଣା ରାସ୍ତାର ବାଲିପୋଇ ନିକଟରେ ଏକ ଅଟୋ (ନଂ ଓଡି ୦୭ ଜେଡ ୮୫୬୫ )ରେ ଭର୍ତ୍ତି ହୋଇ ଯାଉଥିବା ୨୪୦ କେଜି ଗଞ୍ଜେଇକୁ ପୋଲିସ ଧରିଛି। ଅଟୋଟି କୋଦଳାରୁ ଖଲ୍ଲିକୋଟ ଅଭିମୁଖେ ଯାଉଥିବା ବେଳେ କୋଦଳା ଥାନା ଅଧିକାରୀ ଦେବାଶିଷ ମହାନ୍ତି, ଏସଆଇ ଆରତୀ ପରିଡା, ବେଗୁନିଆପଡା ଫାଣ୍ଡି ଏଏସଆଇ ଶରତ ଚନ୍ଦ୍ର ମହାପାତ୍ରଙ୍କ ସମେତ ପୋଲିସ ଟିମ ଅଟୋକୁ ଜବତ କରିଥିଲେ। ଏ ନେଇ ନଂ. ୨୨୨/୨୧ରେ ଏକ ମାମଲା ରୁଜୁ କରାଯିବା ସହ ଅଟୋ ଡ୍ରାଇଭରକୁ ଗିରଫ କରାଯାଇଛି। କୋଦଳା ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ ପହଞ୍ଚି ତଦନ୍ତ କରିଛନ୍ତି।

## ସଂକ୍ଷେପରେ

### ୨ ଦିନ ହେଲା ଦମ୍ପତି ନିଖୋଜ

ଛତ୍ରପୁର,୨୩।୫(ଡି.ଏନ୍.ଏ.): ଛତ୍ରପୁର ଥାନା ଭିକାରିପଲି ପଞ୍ଚାୟତ ଗୋଲାପଲ୍ଲୀ ଗାଁର ଏକ ଦମ୍ପତି ଶନିବାରଠାର ନିଖୋଜ ଅଛନ୍ତି। ସେମାନେ ହେଲେ ଜି. ଜଗନ୍ନାଥ ପାତ୍ର ଓ ସ୍ତ୍ରୀ ଗୁନାମ୍ମା ପାତ୍ର। ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଦୀର୍ଘ ଦିନ ହେଲା ତିକ୍ତତା ଲାଗି ରହିଥିଲା। ଗାଁରେ ଏହାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ ଶନିବାର ପୁଣି ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ପରେ ଜଗା ଏକ ଖଣ୍ଡା ଧରି ସ୍ତ୍ରୀ ଗୁନାମ୍ମାଙ୍କୁ ନେଇ ନିକଟସ୍ଥ ପାହାଡକୁ ଯାଉଥିବା ଗାଁ ଲୋକେ ଦେଖିଥିଲେ। ଗୁନାମ୍ମାଙ୍କ ଭଉଣୀ କେ. ଚନ୍ଦ୍ରମ୍ମା ଏ ନେଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ପାହାଡ଼କୁ ଯାଇ ଖୋଜା ଖୋଜି କରିଥିଲେ ମଧ କିଛି ସୁରାକ୍ ମିଳିନ ଥିଲା। ରବିବାର ସନ୍ଧାନୀ କୁକୁର ନେଇ ପୋଲିସ ଟିମ ଖୋଜାଖୋଜି କରିଥିଲା। ଦମ୍ପତିଙ୍କୁ ଠାବ କରାଯାଇ ପାରି ନଥିବା ଜଣାପଡ଼ିଛି।

### ପଞ୍ଚାୟତ ଲାଗି ଖୋଲିଲା ଟୁଇଟର ଆକାଉଣ୍ଟ

ଆସିକା,୨୩।୫(ଡି.ଏନ୍.ଏ.): ଆସିକା ବ୍ଲକର ୨୭ଟି ପଞ୍ଚାୟତ ଲାଗି ରବିବାର ଟୁଇଟର ଆକାଉଣ୍ଟ ଖୋଲାଯାଇଛି । ରାଜ୍ୟ ସରକାରଙ୍କ ୫-ଟି ଅଧୀନ ବିଭିନ୍ନ ସେବାକୁ ଜନସାଧାରଣ ନିକଟରେ ତୁରନ୍ତ ପହଞ୍ଚାଇବା ଦିଗରେ ଏହା ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ବ୍ଲକସ୍ତରରେ ବିଭିନ୍ନ ପଞ୍ଚାୟତକୁ ଏହି ବ୍ୟବସ୍ଥାରେ ସାମିଲ କରିବାରେ ଆସିକା ବ୍ଲକ ପ୍ରଥମ। ଏହି ବ୍ୟବସ୍ଥା ଦ୍ୱାରା ପଞ୍ଚାୟତର ଜନସାଧାରଣ ବିଭିନ୍ନ ସରକାରୀ ସୂଚନା ପାଇବାରେ ଯଥେଷ୍ଟ ସହାୟକ ହେବେ ।

### କୋଟଗଡ ଅପହଞ୍ଚ ଗ୍ରାମରେ କୋଭିଡ୍ ପରୀକ୍ଷା

ଫୁଲବାଣୀ ଅଫିସ, ୨୩।୫: କନ୍ଧମାଳ ଜିଲା କୋଟଗଡ ବ୍ଲକ ଅପହଞ୍ଚ ଇଲାକାରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ଟିମ ସାକରଯୋଡି ଗ୍ରାମରେ ପହଞ୍ଚି କିଛି ପରିବାରର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଡାକ୍ତରମାନଙ୍କ ଦ୍ୱାରା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ୭ ଜଣଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡିଛି। ସେହିପରି କୋଭିଡ୍ ପରୀକ୍ଷାରେ ୫୦ଟି ନମୁନା ନେଗେଟିଭ ଆସିଥିଲା । ଆଗାମୀ ଦିନରେ ଏହି ଗ୍ରାମରେ କୋଭିଡ ଭ୍ୟାକ୍ସିନ ଦିଆଯିବା ପାଇଁ ଯୋଜନା ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କୋଟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ଦେବନାଥ ଦେ, ଡା. ଅଶୋକ କୁମାର ସାମଲ, ଏଏନ୍ଏମ୍ ବନିତା ଦେଶୀନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ବରିଷ୍ଠ ଆଇନଜୀବୀଙ୍କ ଦେହାନ୍ତ



ଖଲ୍ଲିକୋଟ,୨୩।୫ (ଡି.ଏନ.ଏ.): ଖଲ୍ଲିକୋଟ ଏନଏସିର ପୂର୍ବତନ ନଗରପାଳ ତଥା ଖଲ୍ଲିକୋଟ ଓକିଲ ସଂଘର ପୂର୍ବତନ ସଭାପତି ବନବିହାରୀ ଦାସ(୬୯)ଙ୍କ ଶନିବାର ରାତିରେ ବ୍ରହ୍ମପୁର ମେଡିକାଲରେ ଦେହାନ୍ତ ହୋଇଛି। ଦୀର୍ଘଦିନ ଧରି ସେ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ। ବିଜେଡିର ଜଣେ ଟାଣୁଆ ନେତା ଭାବେ ୧୯୮୪ରୁ ୧୯୯୨ ପର୍ଯ୍ୟନ୍ତ ଖଲ୍ଲିକୋଟ ଏନ୍ଏସିର ନଗରପାଳ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗରେ ସହରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ସାନିଟାଇଜ୍ ହେଲା ନାହିଁ ନୂଆପଡ଼ା

ଚିକିଟି,୨୩।୫(ଡି.ଏନ.ଏ.): ଚିକିଟି ବ୍ଲକ୍ ନୂଆପଡା ଗ୍ରାମରେ କରୋନାର ପ୍ରଥମ ଲହରରେ ପ୍ରାୟ ୧୦ ଜଣ ମୃତ୍ୟୁ ଘଟିଥିବା ବେଳେ ଦ୍ୱିତୀୟ ଲହରରେ ୪ ଜଣ ମୃତ୍ୟୁ ହେଲାଣି। ଏହାକୁ ୫ଦିନ ବିତିଯାଇଥିଲେ ସୁଦ୍ଧା ଉକ୍ତ ଗାଁକୁ ସାନିଟାଇଜ୍ କରାଯାଇନାହିଁ। ସୂଚନାଯୋଗ୍ୟ ଉକ୍ତ ଗ୍ରାମରେ ଶତାଧିକ ଲୋକ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହୋଇ ବିଭିନ୍ନ ଔଷଧ ଦୋକାନରୁ ମେଡିସିନ୍ ବ୍ୟବହାର କରି ଚିକିତ୍ସିତ ହେଉଛନ୍ତି। ନୂଆପଡା ଗ୍ରାମରେ ଏକ ବ୍ୟବସାୟୀକ କେନ୍ଦ୍ର, ବ୍ୟାଙ୍କ ଏବଂ ଶିକ୍ଷାନୁଷ୍ଠାନ ଥିବାରୁ ଏହା ଉପରେ ଚାନ୍ଦପୁର, ଲାଲମେଣ୍ଟା, ନୂଆପଡା ଗ୍ରାମପଞ୍ଚାୟତର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ନିର୍ଭର କରନ୍ତି । ଲୋକମାନେ ପ୍ରତିଦିନ ଉକ୍ତ ଗ୍ରାମକୁ ଯାତାୟତ କରିଥାନ୍ତି। ଏଣୁ ସଂକ୍ରମଣ ହେବାର ଆଶଙ୍କା ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ବିଏମ୍‌ସିର ସମୀକ୍ଷା ବୈଠକ

ବ୍ରହ୍ମପୁର ଅଫିସ୍,୨୩।୫



ସମୀକ୍ଷା ବୈଠକରେ ଉପସ୍ଥିତ ବିଏମ୍‌ସି କମିଶନର ଓ ଅନ୍ୟମାନେ।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସମ୍ଭାବ୍ୟ ବାତ୍ୟାକୁ ନେଇ ରବିବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ବିଏମ୍‌ସି ନୋଡ଼ାଲ ଅଫିସରଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା କାରଣରୁ ସହରତଳି ଅଞ୍ଚଳରେ ଯଦି ପାଣି ଜମି ରୁହେ। ତେବେ ତାହା କିଭଳି ତୁରନ୍ତ ନିଷ୍କାସନ କରାଯାଇପାରିବ। ସେ ନେଇ ଦାୟିତ୍ୱରେ ଥିବା ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କମିଶନର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମହାନଗର ନିଗମର ବିଭିନ୍ନ ୱାର୍ଡ଼ କମିଟିକୁ ସଜାଗ ରହିବା ପାଇଁ କମିଶନର କହିଥିଲେ। ବିଏମ୍‌ସି ପକ୍ଷରୁ ସହରର ୪୦ ୱାର୍ଡ଼ରେ ଖୋଲାଯାଇଥିବା ୨୧ଟି ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ୨୧ ଜଣିଆ ନୋଡ଼ାଲ ଅଫିସର୍‌ମାନେ କିଭଳି ଦାୟିତ୍ୱ ତୁଲାଇବେ ସେ ନେଇ ମଧ ଆଲୋଚନା କରିଥିଲେ। ବାତ୍ୟା ସମୟରେ ଅଧିକ ବର୍ଷା କାରଣରୁ ଯଦି କୌଣସି ସ୍ଥାନରେ ଅଧିକ ପାଣି ଜମି ରୁହେ। ତେବେ ବିଏମ୍‌ସି ପକ୍ଷରୁ ଜେସିବି, ଟ୍ରାକ୍ଟର ଓ ୱାଟର ପମ୍ପ ପ୍ରସ୍ତୁତ ରଖାଯାଇଥିବା କମିଶନର ସୂଚନା ଦେଇଥିଲେ। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବସ୍ତି ବାସିନ୍ଦାଙ୍କୁ କିଭଳି ବାତ୍ୟା ଆଶ୍ରୟ ସ୍ଥଳିକୁ ଅଣାଯିବ। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରାଯିବା ପାଇଁ କମିଶନର କହିଥିଲେ। ଏଥିସହ ବିଏମ୍‌ସି ପକ୍ଷରୁ ସାନିଟେଶନ୍ ଟିମ୍ ସର୍ବଦା ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଡେ଼ପୁଟି କମିଶନର ଆଶୁତୋଷ ସାମଲ ଓ ରୋମାଞ୍ଚିଳ ଖମାରୀଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।



ଛତ୍ରପୁର ଅଷ୍ଟମ ବାଟାଲିୟନର ଓଡ୍ରାଫ ଟିମ।

# ଛତ୍ରପୁରରୁ ଯାଜପୁର, ପୁରୀ ଗଲା ଓଡ୍ରାଫ ଟିମ

ଛତ୍ରପୁର,୨୩।୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା ୟାସ୍‌ର ମୁକାବିଲା ଲାଗି ଛତ୍ରପୁର ଅଷ୍ଟମ ବାଟାଲିୟନର ୨ ଓଡ୍ରାଫ ଟିମ ରବିବାର ଯାଜପୁର ଓ ପୁରୀ ଜିଲାକୁ ଯାଇଛନ୍ତି। ବାଟାଲିୟନ କମାଣ୍ଡାଣ୍ଟ ଏସ.ଏନ. ମଲ୍ଲିକ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ହୁଡହୁଡ, ଫନୀ ଓ ଅମ୍ଫାନରେ ବାତ୍ୟାରେ ଅଷ୍ଟମ ବାଟାଲିୟନର ଓଡ୍ରାଫ ଟିମ ଭଲ କାମ କରି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରଶଂସିତ ହୋଇପାରିଛି। ନିକଟ ଅତୀତରେ ଏହି ଟିମ ଯାଜପୁର ଜିଲାରେ ବନ୍ୟା ସମୟରେ ଦେବଦୂତ ସାଜି କାମ କରିଥିଲା। ବନ୍ୟାଘେରରେ ରହିଥିବା ଲୋକଙ୍କୁ ଉଦ୍ଧାର କରିବା, ସେମାନଙ୍କ ନିକଟରେ ରିଲିଫ ପହଞ୍ଚାଇବା ଆଦି କାର୍ଯ୍ୟ ଏହି ଟିମ୍ କରିଥିଲା। ଅମ୍ଫାନ ପରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇ କରୋନାରେ ଆକ୍ରାନ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେମାନେ ସୁସ୍ଥ ହୋଇ ଫେରିବା ସହ କିଛି କର୍ମଚାରୀ ପ୍ଲାଜମା ଦାନ କରିଥିଲେ । ବାତ୍ୟା କିମ୍ବା ବନ୍ୟା ହେଉ ଓଡ୍ରାଫ ଟିମ ସବୁବେଳେ ସଜାଗ ହୋଇ ରହିଥାନ୍ତି ବୋଲି କମାଣ୍ଡେଂଟ କହିଛନ୍ତି ।

# ଆଜିଠୁ ବ୍ରହ୍ମପୁରରେ ଘର ପାଖରେ କୋଭିଡ୍ ଟେଷ୍ଟ

ଛତ୍ରପୁର,୨୩।୫(ଡି.ଏନ୍.ଏ.)

ବ୍ରହ୍ମପୁର ମହାନଗର ଅଞ୍ଚଳରେ ସୋମବାରଠାରୁ ମୋବାଇଲ ଭେଇକିଲ କରୋନା ପରୀକ୍ଷା କରାଇବାକୁ ଚାହୁଁଥିବା ଲୋକଙ୍କ ଘର ନିକଟକୁ ଆସିବ। ଏହାର ସୁଯୋଗ ନେବାକୁ ବ୍ରହ୍ମପୁରବାସୀଙ୍କୁ ଅନୁରୋଧ କରାଯାଇଛି। ବ୍ରହ୍ମପୁରରେ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଟିକାଦାନ ଚାଲିଛି। ଅଯଥାରେ ଟିକାଦାନ କେନ୍ଦ୍ରକୁ ଯାଇ ଗହଳି କରନ୍ତୁନି। ଯେଉଁଦିନ ଟିକା ନେବାକୁ ସ୍ଲଟ ମିଳିଛି ସେହିଦିନ, ସେହି ସମୟରେ ଆସି ଟିକା ନେବାକୁ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ଗ୍ରାମାଞ୍ଚଳର ସମସ୍ତ ପିଏଚ୍‌ସି/ ସିଏଚ୍‌ସି ଏବଂ ଏସ୍‌ଡିଏଚରେ ଆଇସୋଲେଶନ ସୁବିଧା ଥାଇ ସମସ୍ତ ବେଡରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି । ତେଣୁ ଗ୍ରାମାଞ୍ଚଳ ଲୋକେ ସିଧା ବ୍ରହ୍ମପୁର ବଡ଼ ମେଡିକାଲକୁ ଆସନ୍ତୁ ନାହିଁ। ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ଡାକ୍ତର ରେଫର୍ କଲେ ବ୍ରହ୍ମପୁର ଏମ୍‌କେସିଜିକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯିବ। ଆର୍‌ଟି-ପିସିଆର୍ ଟେଷ୍ଟ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ବିଡିଓମାନଙ୍କୁ କହିଥିଲେ। ବିନାନୁମତିରେ ହେଉଥିବା ବାହାଘରଗୁଡ଼ିକ ଉପରେ ଚଢାଉ ଜୋରଦାର କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ କରୋନା ପ୍ରକୋପରୁ ନିଜକୁ ବଞ୍ଚାଇବାକୁ ସମସ୍ତେ ଘରେ ରୁହନ୍ତୁ । ଯଦି ଅତି ଜରୁରୀ କାମରେ ବାହାରକୁ ଯିବାକୁ ପଡୁଛି, ମାସ୍କ ନିଶ୍ଚିତ ପିନ୍ଧନ୍ତୁ ବୋଲି ଜିଲାବାସୀଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। ଗଞ୍ଜାମ ଜିଲାରେ ପୁଣି ୩୪୦ ଜଣ କରୋନାରେ ସଂକ୍ରମିତ ହୋଇଥିବା ବେଳେ ଆଉ ଜଣେ କରୋନା ରୋଗୀଙ୍କ ଜୀବନ ଯାଇଥିବା ରବିବାର ସୂଚନା ମିଳିଛି।

### ରୋଗୀଙ୍କ ସହ କଥା ହେଲେ ଜିଲାପାଳ

ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ବ୍ରହ୍ମପୁର ଏମ୍‌କେସିଜି କୋଭିଡ ହସ୍ପିଟାଲରେ ଥିବା ରୋଗୀଙ୍କ ସହ ଭିଡିଓ କଲ୍‌ରେ କଥା ହୋଇଛନ୍ତି। ସେଠାରେ ଚାଲିଥିବା ଚିକିତ୍ସା, ଖାଦ୍ୟ ଓ ପରିମଳ ଉପରେ ରୋଗୀମାନଙ୍କୁ ପଚାରି ବୁଝିଛନ୍ତି। ବ୍ରହ୍ମପୁର ତହସିଲଦାର ପିପିଇ କିଟ ପିନ୍ଧି ଏମ୍‌କେସିଜି କୋଭିଡ ହସ୍ପିଟାଲ ଭିତରକୁ ଯାଇଥିଲେ। ଜିଲ୍ଲାପାଳ ଓ କୋଭିଡ୍ ହସ୍ପିଟାଲରେ ଥିବା ରୋଗୀଙ୍କ ମଧ୍ୟରେ କଥା ପାଇଁ ସେ ଭିଡିଓ କଲ ବ୍ୟବସ୍ଥା କରାଇଥିଲେ। ତେବେ ତହସିଲଦାରଙ୍କ କୋଭିଡ ହସ୍ପିଟାଲ ପରିଦର୍ଶନ ଅଚାନକ ଥିଲା ବୋଲି ଜିଲ୍ଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି।

# ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୩।୫

ଗଞ୍ଜାମ ରେଳ ଷ୍ଟେଶନ୍ ନିକଟରେ ଜଣେ ଯୁବକ ଟ୍ରେନରୁ ଖସି ପଡ଼ିଥିଲେ। ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ ଛତ୍ରପୁର ମେଡିକାଲରେ ଭର୍ତ୍ତି ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଦୀପକ କୁମାର ଜେନା(୨୧)। ବାଲେଶ୍ୱରରୁ ଦୀପକଙ୍କ ଭଉଣୀ ଓ ଭିଣୋଇ ବ୍ରହ୍ମପୁର ଆସି ମୃତଦେହ ଚିହ୍ନଟ କରିଥିଲେ। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ଧାରିଗ୍ରାମର ଦୀପକ ନଭେମ୍ବରରେ ଚେନ୍ନାଇର ଏକ କମ୍ପାନୀରେ ଚାକିରି ପାଇଥିଲେ। କରୋନା ପାଇଁ କମ୍ପାନୀ ବନ୍ଦ ହେବାରୁ ଦୀପକ ତାଙ୍କର ୨ ବନ୍ଧୁଙ୍କ ସହିତ ତ୍ରିଚନ୍ନାପଲ୍ଲୀ-ହାଓଡ଼ା ଏକ୍ସପ୍ରେସରେ ଘରକୁ ଫେରୁଥିଲେ। ବାଲୁଗାଁ ନିକଟରେ ହଠାତ ଦୀପକ ତାଙ୍କ ସିଟ୍‌ରେ ନ ଥିବା ଦୁଇ ସାଙ୍ଗ ଦେଖିବାକୁ ପାଇଥିଲେ। ଏଥିରେ ଉଭୟେ ବ୍ୟସ୍ତ ହୋଇ ଦୀପକଙ୍କୁ ଫୋନ୍ କରିଥିବା ବେଳେ ସେ ଉଠାଇ ନ ଥିଲେ। ଏପଟେ ଗଞ୍ଜାମ ରେଳ ଷ୍ଟେଶନରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ସମ୍ଭାବ୍ୟ ବାତ୍ୟାମୁକାବିଲା ପ୍ରସ୍ତୁତି ସମୀକ୍ଷା

ଛତ୍ରପୁର,୨୩।୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା ୟାସ୍ ମୁକାବିଲା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବ୍ଲକ ଓ ଏନଏସିସ୍ତରୀୟ ଅଧିକାରୀ ସମ୍ଭାବ୍ୟ ବାତ୍ୟା ନିମନ୍ତେ ପ୍ରସ୍ତୁତ ରହିବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗର୍ଭବତୀ, ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଆମ୍ବୁଲାନ୍ସରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଗୃହ ସଙ୍ଗରୋଧରେ ରହୁଥିବା କରୋନା ରୋଗୀଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀରେ ରଖିବା ପାଇଁ ଅଲଗା ଯାନ ବ୍ୟବହାର କରାଯିବ। ହସ୍ପିଟାଲ ପାଖାପାଖି ଆଶ୍ରୟସ୍ଥଳକୁ ସେମାନଙ୍କୁ ନିଆଯିବ। ସେଠାରେ ଶୌଚାଳୟ ଏବଂ ପାନୀୟ ଜଳ ସୁବିଧା ଅଛି କି ନାହିଁ ତାର ତଦାରଖ କରିବା ସହ ବିଦ୍ୟାଳୟ ଆଶ୍ରୟସ୍ଥଳ ପାଇଁ ନୋଡାଲ ପର୍ସନ ଠିକ କରିବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ବ୍ଲକ ଗୁଡ଼ିକରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କିପରି ପ୍ରସ୍ତୁତି ହୋଇଛି ତଦାରଖ କରିବେ। ଚିକିଟି, ରଙ୍ଗେଇଲୁଣ୍ଡା, ଛତ୍ରପୁର, ଗଞ୍ଜାମ ଓ ଖଲ୍ଲିକୋଟ ଉପକୂଳବର୍ତ୍ତୀ ବ୍ଲକ ଅଞ୍ଚଳର ବିଡିଓ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ ମାନେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିବେ। କୌଣସି ଅଧିକାରୀ କିମ୍ବା କର୍ମଚାରୀ ଜିଲାପାଳଙ୍କ ବିନା ଅନୁମତିରେ ନିଜ ସଦର ମହକୁମା ଛାଡିପାରିବେ ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଆଇନ ଅନୁଯାୟୀ ସମସ୍ତ ଅଧିକାରୀ ଓ କର୍ମଚାରୀ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଜିଲାପାଳ କହିଥିଲେ।

# ବିଏମ୍‌ସି ପକ୍ଷରୁ ପୋଷ୍ଟ କୋଭିଡ୍ କେୟାର କେନ୍ଦ୍ର ଆରମ୍ଭ




କୋଭିଡ୍ ପୋଷ୍ଟ କେନ୍ଦ୍ରରେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

ବ୍ରହ୍ମପୁର ଅଫିସ୍,୨୩।୫

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରବିବାର ପ୍ରେମନଗର ମୁଖ୍ୟ ରାସ୍ତାଠାରେ ପୋଷ୍ଟ କୋଭିଡ୍ କେୟାର ସେଣ୍ଟର ଆରମ୍ଭ ହୋଇଛି। ଏହାକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ୍, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ରୋଟାରୀ କ୍ଲବ ଓ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସହଯୋଗରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରକୁ ବିଏମ୍‌ସି ପରିଚାଳନା କରିବ। ଏଠାରେ ୨୦ ଶଯ୍ୟା ରହିଛି। ସମସ୍ତ ଶଯ୍ୟାରେ ଅକ୍ସିଜେନ୍ ବ୍ୟବସ୍ଥା ରହିଛି। ବର୍ତ୍ତମାନ ଏହି କେନ୍ଦ୍ରରେ ୭ ଅକ୍ସିଜେନ୍ ସିଲିଣ୍ଡର ମଧ ରହିଛି। ଏଠାରେ କୋଭିଡ୍‌ରୁ ଭଲ ହୋଇ ଆସୁଥିବା ରୋଗୀଙ୍କୁ ଯୋଗ, ଉତ୍ତମ ଖାଦ୍ୟ ଓ ବିଭିନ୍ନ ଡ଼ାକ୍ତରଙ୍କ ସହ ପରାମର୍ଶ କରିବା ନେଇ ସୁବିଧା ଉପଲବ୍ଧ ରହିଥିବା ଜଣାପଡ଼ିଛି।

# କୋଭିଡ୍ ପରୀକ୍ଷା ନେଇ ଆଶାକର୍ମୀଙ୍କୁ ଘେରାଉ

ଆର.ଉଦୟଗିରି, ୨୩।୫(ଡି.ଏନ୍.ଏ.)

ମୋହନା ବ୍ଲକ ଅନ୍ତର୍ଗତ ରାଇସିଂ ଗ୍ରାମରେ କିଛି ଦିନ ତଳେ ଏକ ଭୋଜିର ଆୟୋଜନ ହୋଇଥିଲା। ଭୋଜି ସରିବା ପରେ ଉକ୍ତ ଗ୍ରାମର ଆଶା କର୍ମୀ ଭୋଜିରେ ସାମିଲ ଥିବା ଅତିଥିମାନଙ୍କ କୋଭିଡ୍ ପରୀକ୍ଷା କରିବା ନିମନ୍ତେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇଥିଲେ। ସ୍ୱାସ୍ଥ୍ୟ ଟିମ ଗ୍ରାମରେ ପହଞ୍ଚି ୨୧ ଜଣଙ୍କ ନମୁନା ପରୀକ୍ଷା କରିଥିଲେ। ସେଥିରୁ ୯ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହି ଘଟଣାକୁ ନେଇ ଗ୍ରାମର କେତେକ ଲୋକ ଶନିବାର ଆଶା କର୍ମୀଙ୍କୁ ଘେରାଉ କରି ତୁମେ କାହିଁକି କୋଭିଡ୍ ପରୀକ୍ଷା ନିମନ୍ତେ ଜଣାଇଲ ଏବଂ ସେମାନେ ଆମକୁ ମେଡିକାଲ ନେଇ ମାରିଦେବେ ବୋଲି କହିଥିଲେ। ଆଶା କର୍ମୀଙ୍କର ଲ୍ୟାଣ୍ଡଫୋନଟିକୁ ବାଡେଇ ଭାଙ୍ଗି ଦେଇଥିଲେ। ମୋହନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଫେରିଥିବା ବେଳେ କୋଭିଡ୍ ପରିଚାଳନା ଟିମର ମୁଖ୍ୟ ଡା. ଏମ୍. ଶିବରାମ, ବିପିଏମ୍ ବିଭୁପ୍ରସାଦ କର ରାଇସିଂ ଗ୍ରାମରୁ ଅନୁଧ୍ୟାନ କରି ଫେରିଛନ୍ତି।

# ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକଙ୍କ ପରଲୋକ

## ପ୍ରଶାସନ କଲା ମୃତଦେହ ସତ୍କାର

ବୁଗୁଡ଼ା,୨୩।୫(ଡି.ଏନ.ଏ.)

ବୁଗୁଡ଼ା ବ୍ଲକର ପ୍ରାକ୍ତନ ସ୍କୁଲ ନିରୀକ୍ଷକ ଲକ୍ଷ୍ମୀ ଶରଣ ଦାଶ (୮୨)ଙ୍କ ଶନିବାର ଦେହାନ୍ତ ହୋଇଛି। ସେ ହଠାତ ଅସୁସ୍ଥ ହେବାରୁ ବୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ କୋଭିଡ୍ ଭୟରେ କେହି ମୃତଦେହ ପାଖ ମାଡିନଥିଲେ। ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା ଡାକ୍ତରଖାନାରେ ପହଞ୍ଚି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ପରେ ନୋଡାଲ୍ ଅଧିକାରୀ କାଳୁ ଚରଣ ରଥଙ୍କ ନେତୃତ୍ୱରେ ପିପିଇ କିଟ୍ ସହ ୪ ଜଣ ସଫେଇ କର୍ମଚାରୀ ମୃତଦେହକୁ ଶ୍ମଶାନକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସୁବୁଦ୍ଧିପଲ୍ଲୀ ଗ୍ରାମର ଖଲି ଚରଣ ବିଷୋୟୀ (୬୭)ଙ୍କ ମଧ ପରଲୋକ ଘଟିଛି। ସେ କରୋନା ଆକ୍ରାନ୍ତ ହୋଇଥିଲେ। ତାଙ୍କ ସ୍ତ୍ରୀଙ୍କ ୧୫ ଦିନ ତଳେ ମୃତ୍ୟୁ ଘଟିଥିଲା।

# ସାମାନ୍ୟ ବର୍ଷାରେ ପାରଳାଖେମୁଣ୍ଡି ବେହାଲ



ରାସ୍ତାରେ ଜମା ହୋଇଥିବା ବର୍ଷାପାଣି।

ପାରଳାଖେମୁଣ୍ଡି, ୨୩।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ପୌରପରିଷଦରେ ଯୋଜନା ଭିତ୍ତିକ କାର୍ଯ୍ୟର ଠିକ୍ ନୀତି ନିର୍ଦ୍ଧାରଣ ହୋଇ ନ ଥିବାରୁ ସହରର ଅନେକ ସାହି ବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସାମାନ୍ୟ ବର୍ଷା ହେଲେ ଅନେକ ସାହିରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ବର୍ଷାଜଳ ଓ କାଦୁଅ ଘର ଭିତରେ ପଶି ପାରଳାଖେମୁଣ୍ଡିସ୍ଥିତ ୱାର୍ଡ ନଂ. ୩ର ନଡିଆତୋଟା ସାହି, ନୂଆ ନଡିଆତୋଟା ସାହି ଏବଂ ୱାର୍ଡ ନଂ. ୪ର ସିଟି ଟ୍ରେନିଙ୍ଗ ସ୍କୁଲ ରୋଡ, ମୁତ୍ୟାଲୁ ସାହି ଓ କଟିକା ସାହି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସାହିଗୁଡିକରେ ସାମାନ୍ୟ ବର୍ଷାହେଲେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବା ଏବଂ ଡ୍ରେନଗୁଡିକ ସଫା କରାଯାଉ ନ ଥିବାରୁ ଡ୍ରେନ ଏବଂ ରାସ୍ତା ଉପରେ ପ୍ରାୟ ୩ ଫୁଟ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଏଥିସହ ମୁତ୍ୟାଲୁ ସାହିରେ ରହିଥିବା ଘରର ମଧ୍ୟଭାଗକୁ ପାଣି ପଶି ଅନେକ ବ୍ୟବହୃତ ସାମଗ୍ରୀ ନଷ୍ଟ ହେଉଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ବନ୍ୟା, ବାତ୍ୟା ଓ ଝଡ ଆଦି ସୂଚନା ମିଳିଲେ ଏ ସମସ୍ତ ସାହିର ବାସିନ୍ଦାମାନେ ଭୟ କରିବା ସହ ପ୍ରଶାସନର ଦ୍ୱାରସ୍ଥ ହୋଇଥାନ୍ତି। କିନ୍ତୁ କୌଣସି ସ୍ଥାନରେ ଥଇଥାନ କରୁଛି ନା ଡ୍ରେନ ମରାମତି କରିବା ଦିଗରେ ପଦକ୍ଷେପ ନେଉଛି ପ୍ରଶାସନ। ସାମାନ୍ୟ ବର୍ଷାହେଲେ ସହରର ମଧ୍ୟ ଭାଗରେ ଥିବା ଭୋଇସାହି ପାହାଡର ପାଣି କାମ୍ପସାହି, କଣ୍ଡ୍ରା ସାହି, ଡେପ ଓଡିଆ ସାହି, ରାମନଗର, ବଡବ୍ରାହ୍ମଣ ସାହି, ଭଣ୍ଡାରି ସାହି, ଚିତ୍ରକାର ସାହି, ରାଜଗୁରୁ ସାହି ଏହିପରି ବିଭିନ୍ନ ସାହି ଦେଇ ବହୁପରିମାଣରେ ପାଣି କୃତ୍ରିମ ବନ୍ୟା ସୃଷ୍ଟି କରିଥାଏ । ଏ ସମ୍ପର୍କରେ ପୌରପରିଷଦ ଅଧିକାରୀଙ୍କ ନିକଟକୁ ବାରମ୍ବାର ଅଭିଯୋଗ କରିବା ପାଇଁ ସାହିବାସିନ୍ଦା ଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି।

# ଘୁମୁସର ସାହିତ୍ୟ ସଂସଦ ପକ୍ଷରୁ ଜାତୀୟ ଆଲୋଚନାଚକ୍ର

ଭଞ୍ଜନଗର,୨୩।୫(ଡି.ଏନ.ଏ)

ଭଞ୍ଜନଗରସ୍ଥିତ ଘୁମୁସର ସାହିତ୍ୟ ସଂସଦ ପକ୍ଷରୁ ରବିବାର ଭାରତୀୟ ସାମାଜିକ ବ୍ୟବସ୍ଥା ଓ ଦଳିତ ସାହିତ୍ୟ ଉପରେ ଜାତୀୟ ଆଲୋଚନାଚକ୍ର ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣାଟକରେ ଦଳିତ ସାହିତ୍ୟକୁ ଯେଭଳି ପରିଚୟ ମିଳିଛି ଓଡ଼ିଶାରେ ତାହା ମିଳିନାହିଁ। ଧର୍ମର ଦ୍ୱାହିରେ ସାହିତ୍ୟକୁ ବିଭାଜନ ନ କରିବା ଓ ପ୍ରତ୍ୟେକ ଅବଦାନକୁ ସ୍ମରଣ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପଶ୍ଚିମବଙ୍ଗର ବିଧାୟକ ମନମୋହନ ବ୍ୟାପାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ସାମାଜିକ ବ୍ୟବସ୍ଥାରେ ଦଳିତଙ୍କ ସ୍ଥାନ ଓ ସଂସ୍କୃତି ସମ୍ପର୍କରେ କହିଥିଲେ । କୋଲକତା ପ୍ରେସିଡେ଼ନ୍ସି ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ଼. ମହିତୋଷ ମଣ୍ଡଳ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଅନିତା ଭାରତୀ, କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ସହ ନିର୍ଦ୍ଦେଶକ ଡ଼.ବାସୁଦେବ ସୁନାନି ପ୍ରମୁଖ ମତ ରଖିଥିଲେ । ସମ୍ପାଦକ ପ୍ରଭାତ ଆଚାର୍ଯ୍ୟ, ବିମ୍ବାଧର ଷଡ଼ଙ୍ଗୀ, ପିତାମ୍ବର ତରାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଆକାଶବାଣୀ ସମ୍ବଲପୁରର ଉଦ୍‌ଘୋଷିକା ମିତା ପଟ୍ଟନାୟକ ସଂଯୋଜନା କରିଥିଲେ । ସମ୍ପାଦକୀୟ କାର୍ଯ୍ୟଧାରାକୁ ଡ଼.ପ୍ରଣବାନନ୍ଦ ପାଟ୍ଟଯୋଶୀ ସଂପାଦନା କରିଥିବା ବେଳେ ଅମିୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁରାଙ୍ଗିଆର ୫୦ ପରିବାରରେ ଜ୍ୱର ଆକ୍ରାନ୍ତ

ଦାରିଙ୍ଗବାଡି,୨୩।୫(ଡି.ଏନ୍.ଏ)

- କରୋନା ଗୁଜବକୁ ନେଇ ଜଙ୍ଗଲରେ ଗ୍ରାମବାସୀ
- ସର୍ଭେ ପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ମିଳିନି କିଟ୍



କୋଭିଡ୍ ଟେଷ୍ଟ ଭୟରେ ବୁରାଙ୍ଗିଆ ଗାଁ ଶୂନସାନ୍ ରହିଛି।

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ବୁରାଙ୍ଗିଆ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଜ୍ୱରକୁ ନେଇ ଆତଙ୍କ ଦେଖାଯାଇଛି । ଝାରମୁଣ୍ଡା ଗ୍ରାମରେ ଗତ ସପ୍ତାହରେ ଜ୍ୱରରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଏବେ ସେହି ପରିବାରର ଜଣେ ଓ ସାହିରୁ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପଡ଼ୋଶୀ ସାହି ବୁଦେଲପଡ଼ିରେ ମଧ ଜଣେ ସଂକ୍ରମିତ ହୋଇଥିବାରୁ ବୁରାଙ୍ଗିଆ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି । ଅନେକ ଲୋକ ଭୟରେ ଜଙ୍ଗଲକୁ ଯାଇ ଲୁଚିଥିବା ଜଣାପଡ଼ିଛି । ସରକାରୀ ବାବୁମାନେ ଆସି ସେମାନଙ୍କୁ କାଳେ କୁଆଡ଼େ ନେଇଯିବେ ଭାବି ସେମାନେ ଜଙ୍ଗଲରେ ଯାଇ ଲୁଚିଛନ୍ତି। ବୁରାଙ୍ଗିଆ ଅଞ୍ଚଳରେ ପ୍ରାୟ ୫୦ ପରିବାରରେ ଜ୍ୱର, ଥଣ୍ଡା ରୋଗୀ ଅଛନ୍ତି। ଗତ କିଛି ଦିନ ହେଲା ଜ୍ୱର ଆତଙ୍କ ସମ୍ପର୍କରେ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି ସୂଚନା ପାଇ ସେଠାକୁ ଯିବା ଲାଗି ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶନିବାର ସେଠାକୁ ଡାକ୍ତରୀ ଦଳ ସହ ଦାରିଙ୍ଗବାଡ଼ି ବିଡିଓ ଅଭିମନ୍ୟୁ ବେହେରା ଏବଂ ତହସିଲଦାର କଳାକୃଷ୍ଣ ପ୍ରଧାନ ପହଞ୍ଚିଥିଲେ । ଜ୍ୱର ଆକ୍ରାନ୍ତଙ୍କ ମଧ୍ୟରୁ ୨୦ ଜଣଙ୍କ ଆଣ୍ଟିଜେନ ଏବଂ ୨୩ ଜଣଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ରିପୋର୍ଟ ପଜିଟିଭ୍ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ପ୍ରଶାସନ ଉକ୍ତ ଗ୍ରାମର ଲୋକଙ୍କୁ ବୁଝାଶୁଝା କରି ୪୩ ଜଣଙ୍କ କରୋନା ପରୀକ୍ଷା କରାଯାଇଥିବା ସାମନ୍ତରାୟ କହିଛନ୍ତି। ଏପଟେ ଡାକ୍ତରୀ ଦଳ ଏବଂ ପ୍ରଶାସନ ପୁଣି ରବିବାର ବୁରାଙ୍ଗିଆ ଆସି ସଚେତନ କରିଥିଲେ। ତେବେ ରବିବାର କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଡାକ୍ତରୀ ଦଳ ଆସି ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବୁରାଙ୍ଗିଆ ଏବଂ ଝାରମୁଣ୍ଡା ଗ୍ରାମର ପ୍ରବେଶପଥରେ ବ୍ୟାରିକେଡ୍ କରାଯାଇଛି। ସେହିପରି ସର୍ଭେ ପାଇଁ ଆଶା, ଅଙ୍ଗନାୱାଡ଼ି କର୍ମୀଙ୍କୁ କୁହାଯାଇଥିଲେ ସୁଦ୍ଧା ସେମାନଙ୍କୁ ସର୍ଭେଲାନ୍ସ ପାଇଁ ପିପିଇ କିଟ ସହ ପରୀକ୍ଷା ପାଇଁ କୌଣସି କିଟ ମିଳିନଥିବାରୁ ସର୍ଭେ କରାଯାଇ ପାରିନାହିଁ।

